୨୬

ଧରିତ୍ରୀ
ତା୩୦।୯।୨୦୦୭ରିଖ ରବିବାର, ଭୁବନେଶ୍ୱର



ଶୁକ୍ରବାର ଭୁବନେଶ୍ୱରର ମିଶନ ଆଶ୍ରା ଅନ୍ତେବାସିନୀ ମାନସିକ ବିକାରଗ୍ରସ୍ତ ମହିଳାମାନଙ୍କ ଦ୍ୱାରା ନିର୍ମିତ ହସ୍ତଶିଳ୍ପ ପ୍ରଦର୍ଶନୀକୁ ଜୟଦେବ ଭବନରେ ଦର୍ଶକମାନେ ବୁଲିଦେଖୁଛନ୍ତି ।

ସମ୍ବାଦ କଳିଙ୍ଗ
୨୯ ସେପ୍ଟେମ୍ବର ୨୦୦୭ ଶନିବାର

# ବାଟବଣା ଚଢ଼େଇଙ୍କ ଘର ବାହୁଡ଼ା

**ଭୁବନେଶ୍ୱର, ୨୮।୯ : ନ୍ୟୁଜ୍ ବ୍ୟୁରୋ**

ସେମାନଙ୍କର ସଂସାର ଥିଲା । ସେମାନେ ହସୁଥିଲେ ଆଉ କାନ୍ଦୁଥିଲେ । ହେଲେ ହଠାତ୍ ଝଡ଼ ଆସିଲା । ବସାରୁ, ନିଜ ପରିବାରଠାରୁ ସେମାନେ ଦୂରକୁ ଚାଲିଗଲେ । ଏଣେତେଣେ ବୁଲିଲେ, ଅସହାୟତା କାରଣରୁ ଅନେକଙ୍କ ଦ୍ୱାରା ପ୍ରତାରିତ ହେଲେ । ମାନସିକ ଭାରସାମ୍ୟ ନଥିବା ଯୋଗୁଁ ସେମାନେ କୁଆଡ଼େ ଯିବେ ଚିନ୍ତା ବି କରିପାରୁ ନଥିଲେ । ଅସ୍ଥିରତା ଭିତରେ ଥଳକୂଳ ପାଇଲେ, ମାନସିକ ଓ ଶାରୀରିକ ସ୍ତରରେ ଦୁର୍ବଳ ହୋଇପଡ଼ିଥିବା ବାଇଚଢ଼େଇମାନେ ନିଜ ନିଜର ବିସ୍ମୃତ ଅତୀତକୁ ମନେପକାଇଲେ । ଆଉ ଶେଷରେ ଶୁକ୍ରବାର ଦିନ ନିଜ ପରିବାର ଲୋକଙ୍କ ସହ ମିଶିବାର ସୁଯୋଗ ପାଇଲେ ଦୀର୍ଘ କେତେବର୍ଷ ପରେ । ଆଉ ଫେରିବା ବେଳର ମର୍ମସ୍ପର୍ଶୀ ଦୃଶ୍ୟ ଦେଖିବାକୁ ମିଳିଥିଲା ସ୍ଥାନୀୟ ଜୟଦେବ ଭବନଠାରେ ।

ଦୁଇବର୍ଷ ତଳେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଉଦ୍ଧାର କରି ଅଣାଯାଇଥିବା ମାନସିକ ବିକାରଗ୍ରସ୍ତ ମହିଳାମାନଙ୍କୁ ସେମାନଙ୍କ ପରିବାରବର୍ଗଙ୍କ ହାତରେ ସମର୍ପି ଦିଆଯାଇଥିଲା ଅନୁଷ୍ଠାନ ମିଶନ ଆଶ୍ରା ପକ୍ଷରୁ । ନିଜ ପରିବାର ଲୋକଙ୍କୁ ପୁଣି ଥରେ ଆଖି ପୂରାଇ ଦେଖୁଥିବା ୨୦ ଜଣ ମହିଳାଙ୍କ ମୁହଁରେ ଆନନ୍ଦର ଚିହ୍ନ ଦେଖିବାକୁ ମିଳିଥିଲା, ଆଉ ନିର୍ବାସିତ ଜୀବନ ବିତାଇବା ପରେ ଫେରି ଆସିଥିବା ଲୋକର ଭାବ ଭଳି ଏହି ୨୦ ଜଣ ମହିଳାଙ୍କ ମନରେ ଥିଲା ଅଫୁରନ୍ତ ଆନନ୍ଦ ।

ଝାଡ଼ଖଣ୍ଡର ସୋମା, ମଧ୍ୟପ୍ରଦେଶର ମୀନା, ମେଦିନାପୁରର ପୁଷ୍କି, ଗୋପାଳଗଞ୍ଜର ଆଶା ଏବଂ ଓଡ଼ିଶାର ହରପ୍ରିୟା (ଅସ୍ତରଙ୍ଗ), ସଞ୍ଜୁ ଦାସ (ନଖରା), ମୀନା ବେହେରା (ଆଠଗଡ଼), ମାନିଆ (ନିଆଳି), ବିମଳା (ନିମାପଡ଼ା), ହରପ୍ରିୟା ମହାନ୍ତି (ଟାଙ୍ଗି), ଅନୁ (ଢେଙ୍କାନାଳ), ପ୍ରମିଳା ଦାସ (ଆଳି), ଗୀତା (ନିମାପଡ଼ା), ମାନି ରାଉତ (ଜଗତସିଂହପୁର), ମଞ୍ଜୁଲତା (ପୁରୀ), ପ୍ରଫୁଲ୍ଲ (ବାଲେଶ୍ୱର), **(୨ୟ ପୃଷ୍ଠାରେ)**